# NATIONAL NEWS BULLETIN (ODIA)

## 21 January - 2025

## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ବେଟି ବଚାଓ ବେଟି ପଢ଼ାଓ ଅଭିଯାନର ଦଶବର୍ଷ ପୂର୍ତ୍ତି ପାଳନ ଅବସରରେ ଆସନ୍ତାକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ।

- ପାଟନା ଠାରେ ଚାଲିଥିବା ୮୫ ତମ ସର୍ବଭାରତୀୟ ପ୍ରିଜାଇଡିଂ ଅଧିକାରୀ ସମ୍ମିଳନୀ ଉଦ୍‌ଯାପିତ ।

- ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଆମେରିକା ଓହରିବା ନେଇ ନିର୍ଦ୍ଦେଶନାମା ଜାରି କଲେ ରାଷ୍ଟ୍ରପତି ଟ୍ରମ୍ପ୍ ।

- ତୁର୍କୀର ଏକ ହୋଟେଲ୍‌ରେ ଅଗ୍ନିକାଣ୍ଡ ଯୋଗୁଁ ଅତି କମ୍‌ରେ ୭୬ ଜଣଙ୍କର ମୃତ୍ୟୁ ।

ଏବଂ

- ହକି ଇଣ୍ଡିଆ ଲିଗ୍ ମହିଳା ବର୍ଗ ପ୍ରତିଯୋଗିତାରେ ସୁରମା ହକି କ୍ଲବ୍ ଏବଂ ଓଡ଼ିଶା ୱାରିୟର୍ସ୍ ମଧ୍ୟରେ ଚାଲିଛି ମୁକାବିଲା ।

## ବେଟି ବଚାଓ ବେଟି ପଢ଼ାଓ

ବେଟି ବଚାଓ ବେଟି ପଢ଼ାଓ ଯୋଜାନାକୁ ଆସନ୍ତାକାଲି ୧୦ ବର୍ଷ ପୂରିବ । ନୂଆଦିଲ୍ଲୀ ଠାରେ ଏହି ଅବସରରେ  ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏଥିରେ ସଶସ୍ତ୍ର ବାହିନୀ, ଅର୍ଦ୍ଧସାମରିକ ବାହିନୀ, ଦିଲ୍ଲୀ ପୁଲିସ୍, ଛାତ୍ରୀ ଏବଂ ଅଙ୍ଗନବାଡ଼ି କର୍ମୀ ପ୍ରମୁଖ ଯୋଗଦେବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।  ଯୋଜନାର ଦଶମ ବର୍ଷିକୀ ମାର୍ଚ୍ଚ ୮ ତାରିଖ ଆର୍ନ୍ତଜାତିକ ମହିଳା ଦିବସ ପର୍ଯ୍ୟନ୍ତ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି । ଦେଶରେ ଲିଙ୍ଗଗତ ସନ୍ତୁଳନକୁ ବଜାୟ ରଖିବା ଏବଂ ହ୍ରାସ ପାଉଥିବା ଶିଶୁ ଲିଙ୍ଗ ଅନୁପାତକୁ ପ୍ରତିହତ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ୨୦୧୫ ଜାନୁଆରୀ ୨୨ ତାରିଖରେ ହରିଆଣାର ପାନିପଥ ଠାରେ 'ବେଟି ବଚାଓ ବେଟି ପଢ଼ାଓ' ଯୋଜନାର ଶୁଭାରମ୍ଭ କରିଥିଲେ ।

## ଜନଜାତି ନ୍ୟାୟ ମହା ଅଭିଯାନ

ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହା ଅଭିଯାନ ଆଧାରିତ ଜିଲ୍ଲପାଳମାନଙ୍କର ଜାତୀୟ ସମ୍ମିଳନୀ ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଛି । ପ୍ରଧାନମନ୍ତ୍ରୀ ଜନମାନ ଅଧୀନରେ ଥିବା ୬ଟି ପ୍ରମୁଖ କ୍ଷେତ୍ର ଉପରେ ଏହି ସମ୍ମିଳନୀରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ସେଗୁଡ଼ିକ ମଧ୍ୟରେ ଆବାସ, ସଡ଼କ ଯୋଗାଯୋଗ, ଅଙ୍ଗନବାଡ଼ି, ବିଦ୍ୟାଳୟ ଛାତ୍ରାବାସ, ବହୁମୁଖୀ କେନ୍ଦ୍ର ଏବଂ ବନଧନ ବିକାଶ ଯୋଜନା ଅନ୍ତର୍ଭୁକ୍ତ । ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ୧୮ଟି ରାଜ୍ୟର ୮୮ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ଜନମାନ ଯୋଜନା ସମ୍ପର୍କରେ ସମ୍ମିଳନୀରେ ଆଲୋଚନା ହୋଇଛି । ଏହି ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ନେଇ ସମ୍ମିଳନୀରେ ମତ ବିନିମୟ ହୋଇଥିବା ଜଣାପଡ଼ିଛି ।

## ବିହାର-ଏଆଇଇଓସି

ବିହାରର ପାଟନା ଠାରେ ଚାଲିଥିବା ୮୫ତମ ସର୍ବଭାରତୀୟ ପ୍ରିଜାଇଡିଂ ଅଧିକାରୀ ସମ୍ମିଳନୀ ଆଜି ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଅଧିବେଶନକୁ ସମ୍ବୋଧନ କରି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ଏହି ଦୁଇ ଦିନିଆ ସମ୍ମିଳନୀ ଅତ୍ୟନ୍ତ ଫଳପ୍ରଦ ହୋଇଛି । ବିଧାନସଭା

ସଂସ୍ଥା ଗୁଡ଼ିକରେ ଉତ୍ତମ ଏବଂ ଗୁଣାତ୍ମକ ଆଲୋଚନାକୁ ସ୍ଥାନ ଦେବା ଉପରେ ଶ୍ରୀ ବିର୍ଲା ଗୁରୁତ୍ୱପ୍ରଦାନ କରିଛନ୍ତି । ଲୋକଙ୍କୁ ଉତ୍ତମ ସେବା ପ୍ରଦାନ କରିବା ଏବଂ ସେମାନଙ୍କର ଆକାଂକ୍ଷା ପୂରଣ ଦିଗରେ ପ୍ରିଜାଇଡିଂ ଅଧିକାରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ବିର୍ଲା କହିଛନ୍ତି । ଏହି ସମ୍ମିଳନୀରେ ୫ଟି ସଂକଳ୍ପ ଗୃହିତ ହୋଇଛି । ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପାଳନ ଅବସରରେ ପ୍ରିଜାଇଡିଂ ଅଧିକାରୀ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ନିକଟରେ ସମ୍ବିଧାନର ଇତିହାସ ଏବଂ ଏହାର ମୂଲ୍ୟବୋଧ ପହଞ୍ଚାଇବାକୁ ଶ୍ରୀ ବିର୍ଲା ଆହ୍ୱାନ ଦେଇଛନ୍ତି । ଉଦ୍‌ଯାପନୀ ଅଧିବେଶନରେ ବିହାର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାଁ ଯୋଗଦେଇଥିଲେ ।

## ସୁକନ୍ୟା ସମୃଦ୍ଧି ଆକାଉଣ୍ଟ

ସମଗ୍ର ଦେଶରେ ୪ କୋଟିରୁ ଅଧିକ ସୁକନ୍ୟା ସମୃଦ୍ଧି ଆକାଉଣ୍ଟ ଖୋଲା ଯାଇଛି । 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନର ଏକ ଅଂଶ ସ୍ୱରୂପ ଏହି ଆକାଉଣ୍ଟରେ ଅଭିଭାବକ ସର୍ବନିମ୍ନ ୨୫୦ ଟଙ୍କା ଦାଖଲ କରି ଜମାଖାତା ଖୋଲିପାରିବେ । ଅର୍ଥମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ଯୋଜନାରେ ବାର୍ଷିକ ୮ ଦଶମିକ୍ ୨ ପ୍ରତିଶତ ସୁଧ ପ୍ରଦାନ କରାଯାଉଛି । କନ୍ୟା ସନ୍ତାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ

ପୁଞ୍ଜିନିବେଶକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଅନ୍ତର୍ଭୁକ୍ତିକରଣ ଓ ମହିଳା ସଶକ୍ତିକରଣକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ଯୋଜନା ପ୍ରବର୍ତ୍ତନ କରାଯାଇଛି ।

## ସମ୍ବିଧାନ ଗ୍ୟାଲେରି

ପ୍ରୟାଗରାଜର ତ୍ରିବେଣି ମାର୍ଗରେ ସମ୍ବିଧାନ ଗ୍ୟାଲେରି ସ୍ଥାପନ କରାଯାଇଛି । ମହାକୁମ୍ଭମେଳାକୁ ଆସୁଥିବା ପର୍ଯ୍ୟଟକଙ୍କୁ ସମ୍ବିଧାନର ଇତିହାସ, କାର୍ଯ୍ୟକାରିତା ଏବଂ ଏହାର ନିୟମାବଳୀ ଗୁଡ଼ିକ ସମ୍ପର୍କରେ ଅବଗତ କରାଇବା ଲକ୍ଷ୍ୟରେ ଏହି ଗ୍ୟାଲେରି ସ୍ଥାପନ କରାଯାଇଛି । ସମ୍ବିଧାନ ସଂକ୍ରାନ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏବଂ ସମ୍ବିଧାନ ପ୍ରଣୟନରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଅବଦାନ ସମ୍ପର୍କରେ ଏହି ଗ୍ୟାଲେରିରେ ପ୍ରଦର୍ଶନ କରାଯାଉଛି । ସମ୍ବିଧାନ ସଭାର ଆଲୋଚନାକୁ ମଧ୍ୟ ଅଡିଓ ମାଧ୍ୟମରେ ପ୍ରଚାର କରାଯାଉଛି ।

## ଆର୍‌ଜି କର୍ – ପଶ୍ଚିମବଙ୍ଗ ସରକାର

କୋଲକାତା ଆର୍ ଜି କର୍ ମେଡିକାଲ୍ କଲେଜ୍ ହସ୍ପିଟାଲ୍ ଡାକ୍ତରୀ ଛାତ୍ରୀ ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ନିମ୍ନ ଅଦାଲତଙ୍କ ରାୟ ବିରୁଦ୍ଧରେ

ପଶ୍ଚିମବଙ୍ଗ ସରକାର ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୁକ୍ତ ସଂଜୟ ରାୟଙ୍କୁ ତାଙ୍କର କାର୍ଯ୍ୟପଳାପ ପାଇଁ ଫାଶି ଦଣ୍ଡାଦେଶ ରାଜ୍ୟ ସରକାର ପ୍ରାର୍ଥନା କରିଛନ୍ତି । ରାଜ୍ୟ ଆଡ୍‌ଭୋକେଟ୍ ଜେନେରାଲ୍ କିଶୋର ଦତ୍ତ ନିମ୍ନ ଅଦାଲତଙ୍କ ରାୟ ବିରୁଦ୍ଧରେ ହାଇକୋର୍ଟର ଜଷ୍ଟିସ୍ ଦେବାନ୍‌ସୁ ବାସକ ଏବଂ ଜଷ୍ଟିସ ସବ୍ବର ରସିଦ୍‌ଙ୍କ ଖଣ୍ଡପୀଠରେ ପିଟିସନ୍ ଦାଖଲ କରିଛନ୍ତି । ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଆବେଦନକୁ ଗ୍ରହଣ କରିଥିବା ଜଣାପଡ଼ିଛି । ଏହି ମାମଲାରେ ନିମ୍ନ ଅଦାଲତ ଗତକାଲି ଅଭିଯୁକ୍ତ ସଂଜୟ ରାୟଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ପୀଡ଼ିତାଙ୍କ ପରିବାରକୁ ୧୭ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ରାୟ ପ୍ରକାଶ ପରେ ଦୋଷୀକୁ ମୃତ୍ୟୁ ଦଣ୍ଡ ଦେବା ପାଇଁ ରାଜ୍ୟ ସରକାର କୋଲକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଘୋଷଣା କରିଥିଲେ ।

## ଟ୍ରମ୍ପ୍ ଏକ୍‌ଜିକ୍ୟୁଟିଭ୍ ଅର୍ଡର୍

ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଡୋନାଲ୍ଡ ଟ୍ରମ୍ପ୍ ବିଭିନ୍ନ କ୍ଷେତ୍ରରେ ପୂର୍ବ ସରକାର ନେଇଥିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ଏବଂ କେତେକ ନୂତନ ନୀତି ଲାଗୁ କରିବା ନେଇ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଛନ୍ତି । ସେଥିମଧ୍ୟରେ ଜୋ

ବାଇଡେନ୍‌ଙ୍କ ସରକାର ନେଇଥିବା ୭୮ଟି ନିଷ୍ପତ୍ତିର ପ୍ରତ୍ୟାହାର ଅନ୍ତର୍ଭୁକ୍ତ । ଆମେରିକାରେ ପର୍ଯ୍ୟଟକ, ଛାତ୍ର, କାର୍ଯ୍ୟ କରିବା ଲାଗି ଭିସାରେ ଆସିଥିବା ବ୍ୟକ୍ତିବିଶେଷଙ୍କ ସେଠାରେ ଜନ୍ମିତ ପିଲାଙ୍କୁ ସ୍ୱୟଂଚାଳିତ ଭାବେ ନାଗରିକତ୍ୱ ପ୍ରଦାନ କରିବା ଅଧିକାରକୁ ଶ୍ରୀ ଟ୍ରମ୍ପ୍ ପ୍ରତ୍ୟାହାର କରିଛନ୍ତି । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସମ୍ପୃକ୍ତ ସଂସ୍ଥା ଗୁଡ଼ିକୁ ରାଷ୍ଟ୍ରପତି ୩୦ ଦିନ ସମୟ ପ୍ରଦାନ କରିଛନ୍ତି ।

ଅନ୍ୟ ଏକ ପ୍ରମୁଖ ନିଷ୍ପତ୍ତି ଅନୁଯାୟୀ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଆମେରିକା ଓହରି ଯିବାକୁ ଟ୍ରମ୍ପ୍ ନିର୍ଦ୍ଦେଶ ଦେଇଛନ୍ତି । କୋଭିଡ୍ ନାଇଣ୍ଟିନ୍ ମହାମାରୀକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ – ଡବ୍ଲ୍ୟୁ.ଏଚ୍.ଓ.ର ତ୍ରୁଟିପୂର୍ଣ୍ଣ ପରିଚାଳନା ଏବଂ ଜରୁରୀ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିବା କ୍ଷେତ୍ରରେ ବିଫଳତା ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଡବ୍ଲ୍ୟୁ.ଏଚ୍.ଓ. ଦ୍ୱାରା ଜାରି ମାର୍ଗଦର୍ଶିକା ପରୋକ୍ଷରେ ଚୀନ୍‌କୁ ସହାୟକ ହୋଇଥିଲା ବୋଲି ରାଷ୍ଟ୍ରପତି ଟ୍ରମ୍ପ୍ ଅଭିଯୋଗ କରିଛନ୍ତି । ସୂଚନା ଯୋଗ୍ୟ ଡବ୍ଲ୍ୟୁ.ଏଚ୍.ଓ.ର ସାମଗ୍ରୀକ ପାଣ୍ଠିର ୧୮ ପ୍ରତିଶତ ଆର୍ଥିକ ସହାୟତା ଆମେରିକା ପ୍ରଦାନ କରିଥାଏ । ପ୍ୟାରିସ୍ ଜଳବାୟୁ ଚୁକ୍ତିରୁ ଓହରିବାକୁ ଶ୍ରୀ ଟ୍ରମ୍ପ୍ ନିର୍ଦ୍ଦେଶ ଦେଇଛନ୍ତି । ତୈଳ, ଗ୍ୟାସ୍ ଏବଂ ଖଣି କାର୍ଯ୍ୟକଳାପକୁ ଅଧିକ ସୁବ୍ୟବସ୍ଥିତ କରିବା ସହ

ଆମେରିକାରେ ଶକ୍ତି ଉତ୍ପାଦନକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ  ରାଷ୍ଟ୍ରପତି ଟ୍ରମ୍ପ୍ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି ।

ବୈଦ୍ୟୁତିକ ଯାନ ଉତ୍ପାଦନ ସହ ବାଇଡେନ୍ ପ୍ରଶାସନର ସବୁଜ ନୀତିକୁ ରାଷ୍ଟ୍ରପତି ଟ୍ରମ୍ପ୍ ଉଚ୍ଛେଦ କରିଛନ୍ତି । ପାରମ୍ପରିକ ଶକ୍ତି ଉତ୍ସ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ରାଷ୍ଟ୍ରପତି ଗୁରୁତ୍ୱ ଦେଇଛନ୍ତି ।

## ଡବ୍ଲ୍ୟୁଏଚ୍ଓ ମୁଖ୍ୟ ପ୍ରତିକ୍ରିୟା

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଆମେରିକା ପ୍ରତ୍ୟାହୃତ ହେବା ସଂକ୍ରାନ୍ତ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ରଖି ଡବ୍ଲ୍ୟୁ.ଏଚ୍.ଓ. ମୁଖ୍ୟ ଡକ୍ଟର ଟେଡ୍ରୋସ୍ ଆଧାମ୍ ଘେବ୍ରିସିୟସ୍ କହିଛନ୍ତି,  ଏଭଳି ନିଷ୍ପତ୍ତି ବିଶ୍ୱସ୍ତରରେ ବିଭିନ୍ନ କାର୍ଯ୍ୟଧାରା ଉପରେ ପ୍ରଭାବ ପକାଇବ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଘେବ୍ରିସିୟସ୍ କହିଛନ୍ତି, ଏଭଳି ନିଷ୍ପତ୍ତି ଦୁଃଖଦାୟକ । ଡବ୍ଲ୍ୟୁ.ଏଚ୍.ଓ.ର ବିଭିନ୍ନ କାର୍ଯ୍ୟଧାରାରେ ଆମେରିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସହଭାଗିତାକୁ ପୂର୍ବଭଳି ବଜାୟ ରଖିବାକୁ ଡକ୍ଟର ଘେବ୍ରିସିଏସ୍ ଅନୁରୋଧ କରିଛନ୍ତି ।

## ଅଗ୍ନିକାଣ୍ଡ

ଉତ୍ତର-ପଶ୍ଚିମ ତୁର୍କୀର ଏକ ହୋଟେଲ୍‌ରେ ଅଗ୍ନିକାଣ୍ଡ ଘଟିବାରୁ ଅତି କମ୍‌ରେ ୬୬ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୫୧ ଜଣ ଆହତ ହୋଇଛନ୍ତି । ତୁର୍କୀର ଆଭ୍ୟନ୍ତରୀଣ ମନ୍ତ୍ରୀ ଅଲି ୟେର୍ଲିକାୟା କହିଛନ୍ତି, ପର୍ବତ ଶୀଖରରେ ଥିବା ୧୨ ମହଲା ବିଶିଷ୍ଟ ଏହି ହୋଟେଲ୍‌ରେ ଆଜି ସକାଳେ ଅଗ୍ନିକାଣ୍ଡ ଘଟିଛି । ହୋଟେଲରୁ ୨୩୦ ଜଣଙ୍କୁ ଉଦ୍ଧାର କରାଯାଇଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଭୟଭିତ ଅବସ୍ଥାରେ ହୋଟେଲ୍ କୋଠା ଉପରୁ ଡେଇଁ ପଡ଼ିବାରୁ ୨ ଜଣଙ୍କର ମୃତ୍ୟୁ ହୋଇଛି । ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ନିକଟସ୍ଥ ଅନ୍ୟ ହୋଟେଲ୍ ଗୁଡ଼ିକୁ ଖାଲି କରିଦିଆଯାଇଥିବା ସେଠାକାର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଅଗ୍ନିକାଣ୍ଡର କାରଣ ଜାଣିବା ପାଇଁ ଏକ ୬ ଜଣିଆ କମିଟି ଗଠନ କରାଯାଇଥିବା ସୂଚନା ମିଳିଛି ।

## ହକି

ହକି ଇଣ୍ଡିଆ ଲିଗ୍ ମହିଳା ବର୍ଗ ପ୍ରତିଯୋଗିତାରେ ବର୍ତ୍ତମାନ ସୁରମା ହକି କ୍ଲବ୍ ଏବଂ ଓଡ଼ିଶା ୱାରିୟର୍ସ୍ ମଧ୍ୟରେ ମ୍ୟାଚ୍ ଚାଲିଛି । ରାଞ୍ଚିର

ଜୟପାଲ ସିଂହ ହକି ଷ୍ଟାଡିୟମ୍ ଠାରେ ଚାଲିଥିବା ଏହି ମ୍ୟାଚ୍‌ରେ ସମ୍ବାଦ ପ୍ରସ୍ତୁତ ହେବା ବେଳକୁ କୌଣସି ଦଳ ଗୋଲ୍ କରିନଥିଲେ ।

ଆଜି ରାତି ୮ଟା ୧୫ ମିନିଟ୍‌ରେ ପୁରୁଷ ବର୍ଗ ପ୍ରତିଯୋଗିତାରେ ୟୁ.ପି. ରୁଦ୍ରାସ୍ ଏବଂ ଗୋନାସିକା ଦଳ ମଧ୍ୟରେ ରାଉର୍‌କେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍ ଠାରେ ମ୍ୟାଚ୍ ଖେଳାଯିବ ।

# ଅଷ୍ଟ୍ରେଲିଆନ୍ ଓପନ୍

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ପ୍ରତିଯୋଗୀତାର କ୍ୱାଟରଫାଇନାଲ୍ ପର୍ଯ୍ୟାୟରେ ଭାରତର ରୋହୋନ ବୋପନ୍ନା ଏବଂ ଚୀନ୍‌ର ଝାଙ୍ଗ ସୁଆଇଙ୍କ ଯୋଡ଼ି ପରାସ୍ତ ହୋଇଛନ୍ତି । ମେଲବୋର୍ଣ୍ଣ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ-ଚାଇନା ଯୋଡ଼ି ଅଷ୍ଟ୍ରେଲିଆର ଜନ୍ ପିୟର୍ସ୍ ଏବଂ ଅଲିଭିଆ ଗାଡ୍ରେକିଙ୍କ ଠାରୁ ୬-୨, ୪-୬, ୯-୧୧ ସେଟ୍‌ରେ ପରାସ୍ତ ହୋଇଛନ୍ତି ।

ଅନ୍ୟ ପକ୍ଷରେ ମହିଳା ଏକକ ବର୍ଗରେ ସ୍ପେନ୍‌ର ପୌଲା ବଡ୍ରୋସା ସେମିଫାଇନାଲ୍ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି । ପ୍ରତିଯୋଗିତାର ଏହି ଏକାଦଶ ମାନ୍ୟତାପ୍ରାପ୍ତ ଖେଳାଳି, ତୃତୀୟ ମାନ୍ୟତାପ୍ରାପ୍ତ ଖେଳାଳୀ

ଆମେରିକାର କୋକୋ ଗୌଫ୍ ୭-୫, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି ।